# ‘ବିଶ୍ୱକୁ ଗର୍ବିତ କରିଛି ଢେଙ୍କାନାଳ’

**ଢେଙ୍କାନାଳ ଅଫିସ, ୧୬।୮**

ସ୍ୱାଧୀନତା ସଂଗ୍ରାମରେ ଢେଙ୍କାନାଳ ଜିଲାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ତ୍ୟାଗକୁ ଆଜି ବି ଦେଶ ଝୁରି ହେଉଛି। ଜିଲାର କଳାତ୍ମକ ବିଭବ ଓ ପର୍ଯ୍ୟଟନ ବିଶ୍ୱକୁ ଗର୍ବିତ କରିଛି। ଜିଲାବାସୀଙ୍କ ସହଯୋଗ ମିଳିଲେ ଏହି ଧାରା ଆଗକୁ ବଢ଼ିବ ବୋଲି କହିଛନ୍ତି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା। ସ୍ଥାନୀୟ ଷ୍ଟାଡିୟମ ପରିସରରେ ଶନିବାର ଆୟୋଜିତ ୭୪ତମ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସେ ଅଭିଭାଷଣରେ ଏହା କହିଥିଲେ।

ଜିଲାରେ ୧ଲକ୍ଷ ୨୦ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀ ମମତା ଯୋଜନାରେ ସାମିଲ ହୋଇଛନ୍ତି। ୧୮,୧୧୬ ଏସ୍ଏଚ୍‌ଜି ଗଠିତ ହୋଇଛି। ଭତ୍ତା ଯୋଜନାରେ ୮୧ହଜାର ହିତାଧିକାରୀ ଉପକୃତ ହେଉଛନ୍ତି। ସମନ୍ୱିତ ଶିଶୁ ବିକାଶ ଯୋଜନାରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି ଢେଙ୍କାନାଳ। ସେହିପରି ୨୦୧୯-୨୦ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ସଶକ୍ତୀକରଣ କାର୍ଯ୍ୟାନ୍ୱୟନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୦ଲକ୍ଷ ଟଙ୍କା ପୁରସ୍କାର ମିଳିଥିବା ଜିଲାପାଳ ସୂଚନା ଦେଇଥିଲେ। ମିଳିତ ପରେଡରେ ପୋଲିସ ବାହିନୀ, ପ୍ରଥମ ବାଟାଲିୟନ, ଓଏସ୍ଏପି ବାହିନୀ ଏବଂ ପୋଲିସ ବ୍ୟାଣ୍ଡ ସାମିଲ ହୋଇଥିଲେ। ଏହି ଅବସରରେ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏସ୍‌ପି ଅନୁପମା ଜେମ୍ସ, ଅବନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଅଗ୍ନିଶମ ବିଭାଗର ଜଣେ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ସ୍ୱାସ୍ଥ୍ୟକେନ୍ଦ୍ର ଉନ୍ନତୀକରଣକୁ ଗୁରୁତ୍ୱ

**କଣିହାଁ, ୧୬।୮(ଡି.ଏନ.ଏ.)**

କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି, ଡାକ୍ତର ଅଭାବ ପୂରଣ, ତାଲିମପ୍ରାପ୍ତ ଟେକ୍ନିସିଆନ ନିଯୁକ୍ତି ଉପରେ ଆଲୋଚନା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷା ନମିତା ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ପୀତାମ୍ବର ରାଉଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ବ୍ଲକ ପ୍ରୋଗ୍ରାମ ୟୁନିଟ୍ ତରଫରୁ ବିପିଏମ୍ ମୋନାଲିସା ପ୍ରଧାନ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିବା ସହ ଚଳିତ ବର୍ଷ ରୋଗୀ କଲ୍ୟାଣ ସମିତି ପକ୍ଷରୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଅନୁମୋଦନ ପାଇଁ ସୁପାରିଶ କରିଥିଲେ। ଡାକ୍ତର ଶଶୀକାନ୍ତ ତ୍ରିପାଠୀ, ଆୟୁଷ ଡାକ୍ତର ରାକେଶ ମହାରଣା, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକରୀ ଅଭୟ ସାମଲ, ଏନ୍ଏଚ୍ଏମ୍‌ର ହିସାବ ନିରୀକ୍ଷକ ଅନୁପ କର ଉପସ୍ଥିତ ଥିଲେ।




# ନବବିବାହିତାଙ୍କ ମୃତ୍ୟୁ, ହତ୍ୟା ମାମଲା ରୁଜୁ

**କାମାକ୍ଷାନଗର, ୧୬।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଉର୍ବେଙ୍ଗୀ ପଞ୍ଚାୟତ ସରବେରେଣି ଗ୍ରାମର ରୋହିତ ମହନ୍ତଙ୍କ ସ୍ତ୍ରୀ ନମିତା (୨୫)ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ବାପା ମଙ୍ଗଳ ମହନ୍ତ ଏହାକୁ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଯାଜପୁର ସୁକିନ୍ଦା ଥାନା ଆମ୍ବପାଳ ପଞ୍ଚାୟତ ପିମ୍ପୁଡ଼ିଆ ଗ୍ରାମର ନମିତାଙ୍କ ବିବାହ ଉଦ୍ଧବ ମହନ୍ତଙ୍କ ପୁଅ ରୋହିତଙ୍କ ସହ ଗତ ମେ ୧୫ରେ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ନମିତା ଅସୁସ୍ଥ ଥିବା ନେଇ ରୋହିତ ଫୋନ୍ କରି ଶ୍ୱଶୁର ଘର ଲୋକଙ୍କୁ ଜଣାଇଥିଲେ। ନମିତାଙ୍କ ବାପା ମଙ୍ଗଳ ରାତି ୧୦ଟାରେ ଆସି ଦେଖିବାବେଳକୁ ଝିଅଙ୍କ ମୃତ୍ୟୁ ହୋଇସାରିଥିଲା। ଶାଶୁଘର ଲୋକେ ଫେରାର ହୋଇଯାଇଥିବାରୁ ସନ୍ଦେହରେ ମଙ୍ଗଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାରକୁ ହସ୍ତାନ୍ତର କରିବା ସହ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ସୁନାଚେନ ଲୁଟେରା ଗିରଫ

**ଢେଙ୍କାନାଳ ଅଫିସ, ୧୬।୮**

ସୁନାଚେନ୍ ଲୁଟ୍ କରି ଆତଙ୍କ ଖେଳାଇଥିବା ଜଣେ ଅଭିଯୁକ୍ତଙ୍କୁ ଢେଙ୍କାନାଳ ପୋଲିସ ଗିରଫ କରିଛି। ସେ ହେଲେ ଗଁଦିଆ ଥାନା ଆମ୍ବବାହାଳି ଗ୍ରାମର ବିଶ୍ୱଜିତ୍ ମହାନ୍ତି ଓରଫ୍ କାହ୍ନା (୨୩)। ତାଙ୍କ ନାମରେ ଟାଉନ ଥାନାରେ ନଂ. ୫୯/୧୬, ୧୩୦/୧୮, ୨୧୪/୧୯, ୪୨/୨୦ ଏବଂ ୪୩/୨୦ରେ ଗୁଡ଼ାଏ ମାମଲା ରହିଛି। ସେ ଏକ ବାଇକ୍ ଲୁଟ୍ ଘଟଣାରେ ମଧ୍ୟ ସମ୍ପୃକ୍ତ। ତାଙ୍କଠାରୁ ବାଇକ୍ (ନଂ. ଓଡ଼ି ୦୬ ଜେ ୨୧୦୯) ଏବଂ ମୋବାଇଲ୍ ଫୋନ୍ ଜବତ କରାଯାଇଥିବା ଢେଙ୍କାନାଳ ଏସ୍‌ପି ଅନୁପମା ଜେମ୍ସ ସୂଚନା ଦେଇଛନ୍ତି।




# କୋଭିଡ୍ ରିପୋର୍ଟ ନେଇ ଉତ୍ତେଜନା

**ଅନୁଗୋଳ ଅଫିସ୍, ୧୬।୮**

ଅନୁଗୋଳ ଥାନା ଅଞ୍ଚଳର ଏକ ଗାଁରେ କୋଭିଡ୍ ରିପୋର୍ଟ ଓ ସଂକ୍ରମିତଙ୍କୁ ଡାକ୍ତରଖାନା ନେବାକୁ କେନ୍ଦ୍ର କରି ରବିବାର ଅପରାହ୍ନରେ ଉତ୍ତେଜନା ଦେଖାଦେଇଥିଲା। ଗ୍ରାମର ଶତାଧିକ ଲୋକ ଦୁଇଟି ଆମ୍ବୁଲାନ୍ସକୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଖବରପାଇ ପୋଲିସ ପହଞ୍ଚିଥିଲେ ହେଁ ଗ୍ରାମବାସୀଙ୍କ ସହ ଯୁକ୍ତିତର୍କ ହେବାରୁ ପୋଲିସ ଓ ଆମ୍ବୁଲାନ୍ସ ସଂକ୍ରମିତଙ୍କୁ ନ ଆଣି ଫେରି ଯାଇଥିଲା।

ଗ୍ରାମବାସୀ କହିଛନ୍ତି, ଗାଁର ଜଣେ ବୃଦ୍ଧାଙ୍କୁ ଗତ ୧୦ ତାରିଖରେ ପଜିଟିଭ୍ କହି କୋଭିଡ୍ ହସ୍ପିଟାଲ ନିଆଯାଇଥିଲା। ଏହାପରେ ତାଙ୍କ ଘର କି ଗାଁକୁ ସାନିଟାଇଜ୍ କରାଯାଇ ନ ଥିଲା। ୧୪ ତାରିଖ ଅପରାହ୍ନରେ ବୃଦ୍ଧାଙ୍କ ରିପୋର୍ଟ ନେଗେଟିଭ୍ ଆସିଥିବା କହି ପ୍ରଶାସନ ତାଙ୍କୁ ଘରେ ଛାଡ଼ିଦେଇଥିଲା। ଏହା ପୂର୍ବରୁ ଦୁଇ ଦିନ ଧରି ଗାଁର ୨୯୭ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଥିଲା। ସକାଳେ ସରପଞ୍ଚ ସବୁ ରିପୋର୍ଟ ନେଗେଟିଭ୍ ଥିବା କହିଥିବା ବେଳେ ଅପରାହ୍ନରେ ପ୍ରଶାସନ ପକ୍ଷରୁ ୧୨ଜଣଙ୍କ ରିପୋର୍ଟ ପଜିଟିଭ୍ କୁହାଯିବା ସହ ସେମାନଙ୍କୁ ହସ୍ପିଟାଲ ଆଣିବାକୁ ଆମ୍ବୁଲାନ୍ସ ପଠାଯାଇଥିଲା। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ପୋଲିସ ପହଞ୍ଚିଥିଲା। ଯୁକ୍ତିତର୍କ ଖବରପାଇ ଅନୁଗୋଳ ବିଡିଓ ଅଂଶୁମାନ ଶତପଥୀ ଫୋନ୍ ମାଧ୍ୟମରେ ଗାଁ ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା। ଏ ନେଇ ବିଡିଓ ଶତପଥୀ କହିଛନ୍ତି, ଗାଁ ଲୋକ ବିରୋଧ କରୁଥିଲେ। ପରେ ବୁଝାଶୁଝା କରି ଆକ୍ରାନ୍ତମାନଙ୍କୁ ମେଡିକାଲ ପଠାଯାଇଛି।




ଗାଁରେ ଅଟକ ଥିବା ଦୁଇଟି ଆମ୍ବୁଲାନ୍ସ।



